## ପୋଖରୀ ହୁଡ଼ାରୁ ମୃତଦେହ ଉଦ୍ଧାର

**ଢେଙ୍କାନାଳ ଅଫିସ,୨୧।୭:** ଢେଙ୍କାନାଳ ସହରସ୍ଥିତ ଦକ୍ଷିଣକାଳୀ ରୋଡ୍ ନିକଟ ଏକ ପୋଖରୀ ହୁଡ଼ାରୁ ଖମାରସାହିର କାହ୍ନୁରୁ ଦେହୁରୀ (୫୦)ଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତଦେହ ନିକଟରୁ ବିଷାକ୍ତ ସାମଗ୍ରୀ ଥିବା ବୋତଲ ଜବତ କରାଯାଇଛି। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ନଂ. ୨୫/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ସଂକ୍ଷେପରେ

### ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର

**ଢେଙ୍କାନାଳ ଅଫିସ, ୨୧।୭:** ଢେଙ୍କାନାଳ ଜିଲା ଯୋଗାଣ ଅଧିକାରୀଙ୍କୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ମଙ୍ଗଳବାର ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଆଧାରକାର୍ଡ ନ ଥିବାରୁ ହିତାଧିକାରୀ ରାଶନରୁ ବଞ୍ଚିତ ହେବା, ଆଧାରକାର୍ଡ ଲିଙ୍କ୍ ହେଉ ନ ଥିବାରୁ ସାମଗ୍ରୀ ନ ମିଳିବା, ଯୋଜନା ଅନୁଯାୟୀ ଠିକ୍ ପରିମାଣର ସାମଗ୍ରୀ ପ୍ରଦାନ କରିବା, କରୋନା ମହାମାରୀ ସମୟରେ ହିତାଧିକାରୀଙ୍କୁ ରାଶନ ସାମଗ୍ରୀ ଉପଲବ୍ଧ କରାଇବା, ଗରିବ ହିତାଧିକାରୀଙ୍କୁ ଡିଲରଙ୍କ ଖରାପ ବ୍ୟବହାର ପ୍ରଦର୍ଶନର ପ୍ରତିକାର କରିବାକୁ ଏଥିରେ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଜିଲା ସଭାପତି ପଙ୍କଜ କୁମାର ନାୟକ, ଶେଷଦେବ ପରିଡ଼ା, ନିରଞ୍ଜନ ପାତ୍ର, ଅଜୟ ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରଲୋକ

**ଢେଙ୍କାନାଳ, ୨୧।୭:** ଢେଙ୍କାନାଳ ଜିଲା ସଦର ବ୍ଲକ ବଣସିଂହ ପଞ୍ଚାୟତ ମାଧବୋଲୁଅ ଗ୍ରାମର ଅବସରପ୍ରାପ୍ତ ସେନା କର୍ମଚାରୀ ସୁବେଦାର ଚକ୍ରଧର ଶତପଥୀ (୬୭)ଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ସେ ୧୯୭୧ ଚାଇନା ଯୁଦ୍ଧରେ ବିହାର ରେଜିମେଣ୍ଟ ପକ୍ଷରୁ ସାମିଲ ହୋଇଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ପାଇକସାହି ପଞ୍ଚାୟତ ଶଟ୍‌ଡାଉନ

**ବଇଣ୍ଡା,୨୧।୭(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତ ସଙ୍ଗରୋଧ କେନ୍ଦ୍ରରୁ ୪ଜଣ କରୋନା ପଜିଟିଭ୍ ଚିହ୍ନଟ ପରେ ପଞ୍ଚାୟତକୁ ବୁଧବାରଠାରୁ ୩ ଦିନ ପାଇଁ ଶଟ୍‌ଡାଉନ ଘୋଷଣା କରାଯାଇଛି। ଏହି ସମୟ ମଧ୍ୟରେ ପଞ୍ଚାୟତରେ ଥିବା ଦୋକାନ, ସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ ରଖାଯିବା ପାଇଁ ସରପଞ୍ଚ ରୀନାରାଣୀ ନାୟକ ଚିଠି ନଂ. ୧/୨୦ରେ ଘୋଷଣା କରିଛନ୍ତି। ସମସ୍ତେ ଘରେ ରହିବା ସହ ମାସ୍କ ପରିଧାନ କରିବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ସରପଞ୍ଚ ଅନୁରୋଧ କରିଛନ୍ତି। ଏ ନେଇ ପଞ୍ଚାୟତ ପକ୍ଷରୁ ଚିଠିର ନକଲ ଆଠମଲ୍ଲିକ ଉପଜିଲାପାଳ, ଠାକୁରଗଡ଼ ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

### ମହୁଲପାଳ, ମୃଦଙ୍ଗା ପଞ୍ଚାୟତ ୪ଦିନ ଶଟଡାଉନ୍

**ଭୁବନ, ୨୧।୭(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ବ୍ଲକର ମହୁଲପାଳ ଏବଂ ମୃଦଙ୍ଗା ପଞ୍ଚାୟତକୁ ୪ଦିନ ପାଇଁ ଶଟ୍‌ଡାଉନ ଘୋଷଣା କରାଯାଇଛି। ମହୁଲପାଳ ଗ୍ରାମରୁ ୨ଜଣ ଯୁବକ କରୋନା ଆକ୍ରାନ୍ତ ଚିହ୍ନଟ ହେବାପରେ ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ ଏହି ନିଷ୍ପତ୍ତି ନେଇଛନ୍ତି। ତଦନୁଯାୟୀ, ମଙ୍ଗଳବାର ଭୋର ୫ଟାରୁ ଶୁକ୍ରବାର ଅପରାହ୍ନ ୫ ଯାଏ କଟକଣା ଜାରି ରହିଛି। ଏହି ନିଷ୍ପତ୍ତିକୁ ଅଞ୍ଚଳବାସୀ ସ୍ୱାଗତ କରିଥିବାବେଳେ ଦୋକାନ ବଜାର ବନ୍ଦ ରହିଛି। ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର କରାଯାଇଛି।

# ୨ ବର୍ଷର କାର୍ଯ୍ୟ ୭ ବର୍ଷରେ ବି ସରିଲାନି

**ଅନୁଗୋଳ ଅଫିସ, ୨୧।୭**


ନିର୍ମାଣାଧୀନ ଅନୁଗୋଳ ଅତ୍ୟାଧୁନିକ ବସ୍ ଟର୍ମିନାଲ।

- ଶେଷହେଉନି ଅନୁଗୋଳ ବସ୍ ଟର୍ମିନାଲ ନିର୍ମାଣ
- ଆଉ ୬ ମାସ ସମୟ ମାଗିଲା ଠିକା ସଂସ୍ଥା
- ଅସନ୍ତୋଷ ସହ ଚୁକ୍ତି କପି ମାଗିଲେ ସରକାର

ଶିଳାନ୍ୟାସର ୭ ବର୍ଷ ପରେ ବି ଶେଷ ହୋଇପାରୁନି ଅନୁଗୋଳର ବହୁ ପ୍ରତୀକ୍ଷିତ ଅତ୍ୟାଧୁନିକ ବସ୍ ଟର୍ମିନାଲ କାର୍ଯ୍ୟ। ଏହାର ନିର୍ମାଣ ପାଇଁ ଅନୁଗୋଳ-ତାଳଚେର-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ (ତାମଡା) ସହ ଚୁକ୍ତି କରିଥିବା ଠିକାସଂସ୍ଥା ଅନୁଗୋଳ ବସ୍ ଟର୍ମିନାଲ କମ୍ପାନୀ ପ୍ରାଇଭେଟ୍ ଲିମିଟେଡ ଓ ମିଳନ ଡେଭଲପର୍ସ ଆଣ୍ଡ ବିଲଡର୍ସ ପ୍ରାଇଭେଟ ଲିମିଟେଡ କାର୍ଯ୍ୟରେ ଅହେତୁକ ବିଳମ୍ବ କରୁଛି। ଏପରି କି ମାତ୍ର ୨ ବର୍ଷ ମଧ୍ୟରେ ଟର୍ମିନାଲ ନିର୍ମାଣ ଶେଷ ନିମନ୍ତେ ଏମ୍‌ଓୟୁରେ ସର୍ତ୍ତ ରଖାଯାଇଥିଲେ ବି ଏଥିପାଇଁ ଠିକାସଂସ୍ଥା ୭ ବର୍ଷ ସମୟ ନେଇସାରିଛି। ତଥାପି କାର୍ଯ୍ୟ ସମ୍ପୂର୍ଣ୍ଣ ହେଉ ନ ଥିବାରୁ ଆଉ ୬ ମାସ ସମୟ ଦେବାକୁ ଠିକାସଂସ୍ଥା ପକ୍ଷରୁ ସରକାରଙ୍କ ନିକଟରେ ଆବେଦନ କରାଯାଇଛି। କାର୍ଯ୍ୟରେ ଏପରି ବିଳମ୍ବକୁ ନେଇ ସରକାରଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ସହ ଏମ୍‌ଓୟୁର କପି ମଗାଯାଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଅନୁଗୋଳ ଠାରେ ଏକ ଆଧୁନିକ ବସ୍ ଟର୍ମିନାଲ ନିର୍ମାଣ ପାଇଁ ବିଭିନ୍ନ ସମୟରେ ଦାବି ହୋଇଥିଲା। ୨୦୧୧ ଜୁଲାଇ ୧୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପରିବହନ ବିଭାଗର ଏକ ଉଚ୍ଚସ୍ତରୀୟ ବୈଠକରେ ଅନୁଗୋଳ ସମେତ ସମ୍ବଲପୁର, ଭୁବନେଶ୍ୱର, କଟକ ଓ ଢେଙ୍କାନାଳ ଠାରେ ଅତ୍ୟାଧୁନିକ ବସ୍ ଟର୍ମିନାଲ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଏହାର ଟେଣ୍ଡର ଆହ୍ୱାନ କରାଯାଇଥିଲା। ୨୦୧୨ ଏପ୍ରିଲ ୯ରେ ଏ ନେଇ ତାମଡା ସହ ମିଳନ ଡେଭଲପର୍ସ ଆଣ୍ଡ ବିଲଡର୍ସ ପ୍ରାଇଭେଟ ଲିମିଟେଡ ଓ ଅନୁଗୋଳ ବସ୍ ଟର୍ମିନାଲ କମ୍ପାନୀ ପ୍ରାଇଭେଟ ଲିମିଟେଡ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର ହୋଇଥିଲା। ୯.୭୨ ଏକର ଜାଗାରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପର ମୋଟ୍ ଖର୍ଚ୍ଚ ଅଟକଳ ଥିଲା ୫୬.୩୧ କୋଟି ଟଙ୍କା। ୫.୮୩ ଏକର ଜାଗାରେ ବସ୍ ଟର୍ମିନାଲ ପାଇଁ ୧୩.୯୫ କୋଟି ଓ ବସ୍‌ଷ୍ଟାଣ୍ଡ ପରିସରରେ ୩.୮୯ ଏକର ଜାଗାରେ ବ୍ୟବସାୟିକ ପ୍ରତିଷ୍ଠାନ ନିର୍ମାଣ ପାଇଁ ୪୨.୩୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ୬ ମାସ ମଧ୍ୟରେ ଠିକାସଂସ୍ଥା ନିର୍ମାଣ ଆରମ୍ଭ କରିବା, ୨ ବର୍ଷ ମଧ୍ୟରେ କାର୍ଯ୍ୟ ଶେଷ କରିବା, ୧୫ ବର୍ଷ ପାଇଁ ଏହାର ରକ୍ଷଣାବେକ୍ଷଣ କରିବା, ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ୯୦ ବର୍ଷ ପର୍ଯ୍ୟନ୍ତ ଲିଜ୍‌ରେ ନିଜ ପାଖରେ ରଖିବା ପାଇଁ ଏମ୍‌ଓୟୁରେ ସର୍ତ୍ତ ରହିଥିଲା। ୨୦୧୩ ଜୁନ୍ ୨୮ରେ ମୁଖ୍ୟମନ୍ତ୍ରୀ ବସ୍ ଟର୍ମିନାଲର ଭୂମିପୂଜା କରିଥିଲେ। ୨ ବର୍ଷ ମଧ୍ୟରେ ନିର୍ମାଣ ଶେଷ କରାଯିବ ବୋଲି ପ୍ରକାଶ କରିଥିଲେ। କିନ୍ତୁ ୭ ବର୍ଷ ବିତିଯିବା ପରେ ମଧ୍ୟ କାମ ଶେଷ ହେଉନି। ବିଭିନ୍ନ ସମୟରେ ଜିଲା ପ୍ରଶାସନ ପକ୍ଷରୁ ଏହାର ସମୀକ୍ଷା କରାଯାଉଛି। କିନ୍ତୁ ଫଳ ମିଳୁନାହିଁ। ଏଭଳି ସମୟରେ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଠିକା ସଂସ୍ଥା ପକ୍ଷରୁ ଗତ ଜୁନ ୨୨ ତାରିଖରେ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗକୁ ଚିଠି ଲେଖାଯାଇ ଆଉ ୬ ମାସ ସମୟ ମଗାଯାଇଛି। ବାତ୍ୟା ଅମ୍ଫନ ଓ କରୋନା ଯୋଗୁ କାମ ବାଧାପ୍ରାପ୍ତ ହୋଇଥିବାରୁ ଅଧିକ ୬ ମାସ ଦେବାକୁ ଅନୁରୋଧ କରାଯାଇଛି।

### ଶୀଘ୍ର ସାରିବାକୁ କୁହାଯିବ


ବସ୍ ଟର୍ମିନାଲ ବର୍ତ୍ତମାନ ସୁଦ୍ଧା ଶେଷ ହେବା କଥା। କିଛି ସମସ୍ୟା କାରଣରୁ ଏହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଠିକାସଂସ୍ଥା ସରକାରଙ୍କୁ ଅଧିକ ୬ ମାସ ସମୟ ମାଗିଛନ୍ତି। ଶୀଘ୍ର କାମ ସାରିବାକୁ ଜିଲା ପ୍ରଶାସନ ପକ୍ଷରୁ କୁହାଯିବ।

**- ମନୋଜ କୁମାର ମହାନ୍ତି, ଅନୁଗୋଳ ଜିଲାପାଳ**

### ଆଶଙ୍କା ପ୍ରକାଶ ପାଇଲାଣି


ବସ୍ ଟର୍ମିନାଲ ନିର୍ମାଣ ହେଉଥିବା ଶୁଣି ଖୁସି ଲାଗୁଥିଲା। କିନ୍ତୁ କାର୍ଯ୍ୟ ଏତେ ବିଳମ୍ବ ଯୋଗୁ ଏହାକୁ ନେଇ ଆଶଙ୍କା ବଢ଼ିଗଲାଣି। ବ୍ୟୟ ଅଟକଳ ବୃଦ୍ଧିପାଉଥିବାରୁ ଭବିଷ୍ୟତ କ'ଣ ହେବ ତାହା ଜଣାପଡୁନି। ସରକାର ତାଗିଦ୍ କରିବା ଆବଶ୍ୟକ।

**- ଭବାନୀ ଶଙ୍କର ମହାପାତ୍ର, ଅନୁଗୋଳ**

### ଇଚ୍ଛା ମୁତାବକ କାର୍ଯ୍ୟ ଚାଲିଛି


ଠିକା ସଂସ୍ଥା ଇଚ୍ଛା ମୁତାବକ କାର୍ଯ୍ୟ କରୁଛି। ଟର୍ମିନାଲ କାର୍ଯ୍ୟକ୍ଷମ ହୋଇପାରିଥିଲେ ବର୍ତ୍ତମାନ କରୋନା ସମୟରେ ସୁବିଧା ହୋଇଥାନ୍ତା। ବସ୍‌ଷ୍ଟାଣ୍ଡରେ ଯାତ୍ରୀଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହିପାରିଥାନ୍ତା। କେବେ କାର୍ଯ୍ୟ ସରିବ ତାହା କହିବା ମୁସ୍କିଲ୍।

**- ରାଜୁ ମିଶ୍ର, ସମ୍ପାଦକ, ଜିଲା ବସ୍ ମାଲିକ ସଂଘ**

### ରୋଜଗାର ଆଶା ମଉଳୁଛି


ଅତ୍ୟାଧୁନିକ ବସ୍ ଟର୍ମିନାଲ ବହୁ ଲୋକଙ୍କ ମନରେ ରୋଜଗାର ଆଶା ଦେଇଥିଲା। କିନ୍ତୁ ୭ ବର୍ଷ ହେଲା ଏହା ପୂର୍ଣ୍ଣାଙ୍ଗ ହୋଇପାରୁ ନ ଥିବାରୁ ଉକ୍ତ ଆଶା ମଉଳି ଯାଉଛି। ଏ ଦିଗରେ ପ୍ରଶାସନ, ରାଜନେତାମାନେ ଦୃଷ୍ଟି ଦେଇ ଚାପ ପ୍ରୟୋଗ କରିବା ଦରକାର।

**- ଆଦ୍ୟଶ୍ଳୋକ ମିଶ୍ର, ଅନୁଗୋଳ**

## ସରପଞ୍ଚଙ୍କୁ ଧମକ ଅଭିଯୋଗ

**ଛେଣ୍ଡିପଦା,୨୧।୭(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ସରପଞ୍ଚ ସରୋଜିନୀ ବେହେରାଙ୍କୁ ଜନୈକା ନର୍ସ ଓ ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ଅଧିକାରୀ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ମଙ୍ଗଳବାର ଛେଣ୍ଡିପଦା ବ୍ଲକ ସରପଞ୍ଚ ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଛି। ମହାସଂଘ ଦର୍ଶାଇଛି, କୋଭିଡ-୧୯ରେ ନିଯୁକ୍ତି ପାଇଥିବା ଜଣେ ନର୍ସ ଉତ୍ତରପ୍ରଦେଶର ଜଣେ ସମ୍ପର୍କୀୟଙ୍କୁ ଆଣି ଛେଣ୍ଡିପଦା ପଞ୍ଚାୟତସ୍ଥିତ ଘରେ ରଖିଥିଲେ। ସ୍ୱାବ୍ ରିପୋର୍ଟ ପଜିଟିଭ୍ ପରେ ତାଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ପରେ ସେ ଛେଣ୍ଡିପଦା ପଞ୍ଚାୟତକୁ ଫେରିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏ ନେଇ ନର୍ସ ଜଣକ ସରପଞ୍ଚ ବେହେରାଙ୍କୁ ଧମକ ଚମକ ଦେଇଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟର ଜଣେ ଅଧିକାରୀ ମଧ୍ୟ ଫୋନରେ ଧମକ ଦେଇଥିବା ମହାସଂଘ ସଭାପତି ବିଜୟ କୁମାର ଗଡନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପଦକ୍ଷେପ ନିଆ ନ ଗଲେ ବୁଧବାରଠାରୁ କୋଭିଡ୍-୧୯ କାର୍ଯ୍ୟକ୍ରମରେ ଅସହଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ଧମକ ଅଭିଯୋଗକୁ ଜିଲା ମୁଖ୍ୟ ଚିକିତ୍ସାଳୟର ସମ୍ପୃକ୍ତ ଅଧିକାରୀ ଖଣ୍ଡନ କରିଛନ୍ତି।

# ବଜାୟ ରହିଲା ସ୍ୱୟଂଶାସିତ ମାନ୍ୟତା

- ଢେଙ୍କାନାଳ କଲେଜକୁ ବି++ ଗ୍ରେଡ୍
- ନୂତନ ୩ ପିଜି ଶ୍ରେଣୀ ଖୋଲିବାକୁ ପ୍ରସ୍ତାବ

**ଢେଙ୍କାନାଳ ଅଫିସ, ୨୧।୭**



ସ୍ୱୟଂଶାସିତ ମାନ୍ୟତା ବଜାୟ ରଖିବା ପରେ ଅଧ୍ୟକ୍ଷା ଓ ଅଧ୍ୟାପକମାନେ ୟୁଜିସିର ଚିଠିକୁ ପ୍ରଦର୍ଶନ କରୁଛନ୍ତି।

ଢେଙ୍କାନାଳ ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ବଜାୟ ରହିଛି। ୨୦୨୩ ଯାଏ ଏହାକୁ ଅଟୋନମସ୍ ମାନ୍ୟତା ପ୍ରଦାନ କରାଯାଇଛି। ଏ ନେଇ ଗତ ୧୫ ତାରିଖରେ ୟୁଜିସି ପକ୍ଷରୁ ଚିଠି ନଂ.ଏଫ୍. ୨୨-୧/୨୦୧୭ ଏସ୍‌ସିରେ କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା ଅଧ୍ୟକ୍ଷା ଡ. ରଶ୍ମି ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ନାକ୍ ଟିମ୍ ପକ୍ଷରୁ କଲେଜକୁ ୨୦୨୧ ପର୍ଯ୍ୟନ୍ତ ବି++ ଗ୍ରେଡ୍ ମିଳିଛି। ମହାବିଦ୍ୟାଳୟରେ ଇତିହାସ, ବାଣିଜ୍ୟ ଏବଂ ଉଦ୍ଭିଦ ବିଜ୍ଞାନରେ ପିଜି ପାଠ୍ୟକ୍ରମ ରହିଥିବାବେଳେ ରସାୟନ ବିଜ୍ଞାନ, ସଂସ୍କୃତ ଏବଂ ଓଡ଼ିଆରେ ନୂତନ ପିଜି ଶ୍ରେଣୀ ଖୋଲିବାକୁ ପ୍ରସ୍ତାବ ଦିଆଯାଇଥିବା ଅଧ୍ୟକ୍ଷା କହିଛନ୍ତି। କଲେଜର ସ୍ୱୟଂଶାସିତ ମାନ୍ୟତା ବଜାୟ ରହିବାକୁ ନେଇ ଦୀର୍ଘଦିନ ହେଲା ଚାଲିଥିବା ଦ୍ୱନ୍ଦ୍ୱରେ ୟୁଜିସିର ଚିଠି ଯବନିକା ପକାଇଥିବାବେଳେ ଏହାକୁ ସବୁ ମହଲରେ ସ୍ୱାଗତ କରାଯାଇଛି।

ମହାବିଦ୍ୟାଳୟର ସ୍ୱୟଂଶାସିତ ମାନ୍ୟତା ନବୀକରଣ ପାଇଁ ୨୦୧୮ ନଭେମ୍ବରରେ ୟୁଜିସି ପିୟର ଟିମ୍ ଭିତ୍ତିଭୂମି ପରିଦର୍ଶନରେ ଆସିଥିଲେ। ତେବେ ଗତବର୍ଷ ଅଗଷ୍ଟରେ ମାନ୍ୟତା ପ୍ରତ୍ୟାହାର ପାଇଁ ନିର୍ଦ୍ଦେଶନାମା ଆସିଥିଲା। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସ୍ୱୟଂଶାସିତ ମାନ୍ୟତା ବଜାୟ ରଖିବା ନେଇ ବିଧାୟକ ସୁଧୀର କୁମାର ସାମଲ ଗତ ନଭେମ୍ବର ୫ରେ ଭୁବନେଶ୍ୱରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁଙ୍କ ସହ ଏକ ଜରୁରୀ ବୈଠକରେ ଆଲୋଚନା କରିଥିଲେ। ଏମ୍‌ପି ମହେଶ ସାହୁ ମଧ୍ୟ ଏ ସଂକ୍ରାନ୍ତରେ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀ ଓ ସଚିବ କଲେଜର ଦାବିକୁ ସମର୍ଥନ ଜଣାଇ ୟୁଜିସିକୁ ପତ୍ର ଲେଖିଥିଲେ। ଗତ ଜୁଲାଇ ୧୬ରେ ୟୁଜିସି ପକ୍ଷରୁ ମିଳିଥିବା ପତ୍ରରେ ୨୦୨୩ ଯାଏ ଢେଙ୍କାନାଳ କଲେଜ ସ୍ୱୟଂଶାସିତ ମାନ୍ୟତା ବଜାୟ ରଖିଥିବା ଦର୍ଶାଯାଇଛି। ସୂଚନାଯୋଗ୍ୟ, ୧୯୫୯ରେ ପ୍ରତିଷ୍ଠିତ ଢେଙ୍କାନାଳ କଲେଜ ୨୦୦୨ରେ ସ୍ୱୟଂଶାସିତ ମାନ୍ୟତା ପାଇଥିଲା। ଏବେ ଏଠାରେ ଯୁକ୍ତ ୩ ଏବଂ ପିଜିରେ ୧୮୦୦ ଛାତ୍ରୀଛାତ୍ର ଅଧ୍ୟୟନରତ। ଏହାକୁ ବାଦ୍‌ଦେଲେ ମ୍ୟାନେଜମେଣ୍ଟ ଏବଂ ସେଲ୍‌ଫ ଫାଇନାନ୍ସ ପାଠ୍ୟକ୍ରମ ମଧ୍ୟ ରହିଛି।

### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଛାତ୍ର ବିଜେଡି

ଢେଙ୍କାନାଳ କଲେଜ ସ୍ୱୟଂଶାସିତ ମାନ୍ୟତା ବଜାୟ ରଖିବା ପରେ ଜିଲା ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ସ୍ୱାଗତ କରାଯାଇଛି। ଏଥିପାଇଁ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ବିଧାୟକ ସୁଧୀର କୁମାର ସାମଲଙ୍କୁ କୃତଜ୍ଞତା ଜଣାଯାଇଛି। ଢେଙ୍କାନାଳ କଲେଜ ଏହାର ପୂର୍ବ ଗୌରବ ଫେରିପାଇଛି ବୋଲି ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ରଙ୍କ ସମେତ ଦଳୀୟ ନେତୃବୃନ୍ଦ କହିଛନ୍ତି।

### ୟୁଜିସି ନିଷ୍ପତ୍ତି ସ୍ୱାଗତଯୋଗ୍ୟ


ୟୁଜିସିର ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଆଗାମୀ ଦିନରେ ମାନ୍ୟତା ବଜାୟ ରଖିବା ଲାଗି କଲେଜର ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଏବଂ ଆଲୁମନି ଆସୋସିଏଶନ ଏକାଠି ହୋଇ ଉଦ୍ୟମ କରିବା ଜରୁରୀ।

**-ସୁନୀଲ ଦାଶ, ପୂର୍ବତନ ଛାତ୍ର ସଂସଦ ସଭାପତି**

### ଉଦ୍ୟମ କରିଥିବା ପ୍ରତିବ୍ୟକ୍ତି ପ୍ରଶଂସାର ହକ୍‌ଦାର


ଢେଙ୍କାନାଳ କଲେଜ ସ୍ୱୟଂଶାସିତ ମାନ୍ୟତା ବଜାୟ ରଖିବା ଖୁସିର କଥା। ଶିକ୍ଷାନୁଷ୍ଠାନର ଗୌରବ ଫେରାଇ ଆଣିବା ଲାଗି ଉଦ୍ୟମ କରିଥିବା ପ୍ରତ୍ୟେକ ବ୍ୟକ୍ତି ପ୍ରଶଂସାର ହକ୍‌ଦାର। ସବୁକ୍ଷେତ୍ରରେ କଲେଜ ଯେପରି ଶ୍ରେଷ୍ଠତ୍ୱ ପ୍ରତିପାଦନ କରିପାରିବ ସେଥିପ୍ରତି କର୍ତ୍ତୃପକ୍ଷ ଉଦ୍ୟମ ଜାରି ରଖିବା ଜରୁରୀ।

**- ରାଜ କିଶୋର ବେହେରା, ପୁରାତନ ଛାତ୍ର**

## ଦିନକରେ ୨୭ ନୂଆ ସଂକ୍ରମିତ

**ଅନୁଗୋଳ ଅଫିସ, ୨୧।୭**

ଅନୁଗୋଳ ଜିଲାରୁ ମଙ୍ଗଳବାର ୨୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ତାଳଚେର ବ୍ଲକ ଅଞ୍ଚଳର ୧୫ ଜଣ, ବଣ୍ଟାଁରପାଳ ବ୍ଲକର ୮ ଜଣ ଓ କିଶୋରନଗର ବ୍ଲକର ୪ ଜଣ ରହିଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ତାଳଚେର ବ୍ଲକ ଅଞ୍ଚଳରୁ ବାହାରିଥିବା ୧୫ଜଣଙ୍କ ମଧ୍ୟରୁ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୬ ଓ ୯ ଜଣ ଲୋକାଲ ସଂକ୍ରମିତ। ସେହିପରି ବଣ୍ଟାଁରପାଳ ବ୍ଲକର ୮ଜଣଙ୍କ ମଧ୍ୟରୁ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୫ ଜଣ ପଜିଟିଭ୍ ରହିଛନ୍ତି। କିଶୋରନଗର ବ୍ଲକ ଅଞ୍ଚଳର କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୨ ଜଣ ଓ ଅନ୍ୟ ୨ ଜଣ ଲୋକାଲ ଲୋକ ବୋଲି ଜଣାପଡ଼ିଛି। ଏହି ନୂଆ ୨୭ ଆକ୍ରାନ୍ତଙ୍କୁ ମିଶାଇ ଜିଲାରେ ପଜିଟିଭ୍ ଚିହ୍ନଟ ସଂଖ୍ୟା ୨୨୮ରେ ପହଞ୍ଚିଛି। ଅନ୍ୟପକ୍ଷରେ ଜିଲାର ୧୦ ଜଣ ସୁସ୍ଥ ହୋଇଥିବାରୁ ମୋଟ୍ ସୁସ୍ଥ ସଂଖ୍ୟା ୧୩୪ ହୋଇଥିବା ସୂଚନା ମିଳିଛି।

## ଢେଙ୍କାନାଳରେ ଆଉ ୧୦ ପଜିଟିଭ୍

**ଢେଙ୍କାନାଳ ଅଫିସ, ୨୧।୭**



ଢେଙ୍କାନାଳ ଜିଲାରୁ ମଙ୍ଗଳବାର ଗୋଟିଏ ଦିନରେ ୧୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସମସ୍ତ ଆକ୍ରାନ୍ତ ଗଁଦିଆ ବ୍ଲକର ହୋଇଥିବା ବେଳେ ୩ଜଣ ସଙ୍ଗରୋଧ କେନ୍ଦ୍ର ଏବଂ ୭ଜଣ ହୋମ୍ କ୍ୱାରାଣ୍ଟାଇନରେ ଥିଲେ। ସେମାନଙ୍କ ମଧ୍ୟରୁ ୪ଜଣ ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଏବଂ କଟକ ଫେରନ୍ତା। ଅନ୍ୟମାନେ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ହୋମ୍ କ୍ୱାରାଣ୍ଟାଇନରେ ଥିଲେ। ୧୮ ତାରିଖରେ ସମସ୍ତଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିଲା। ୨୦ ତାରିଖ ସନ୍ଧ୍ୟାରେ ସେମାନଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ସମସ୍ତଙ୍କୁ ଜିଲା କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ନିହଲପ୍ରସାଦ ଏବଂ ମଦାର ସଙ୍ଗରୋଧ କେନ୍ଦ୍ର ସମେତ ଆକ୍ରାନ୍ତଙ୍କ ଘରକୁ ବିଶୋଧନ କରାଯାଇଛି। ଜିଲାରେ ମୋଟ୍ ୧୪୨ କରୋନା ଆକ୍ରାନ୍ତ ହୋଇଥିବା ବେଳେ ୯୩ ସୁସ୍ଥ ହୋଇସାରିଲେଣି।

# ନବଜାତ ଶିଶୁ ସହ ୪ ଦିନ ହାଟ ପିଣ୍ଡିରେ ଦମ୍ପତି

**ଅନୁଗୋଳ ଅଫିସ, ୨୧।୭**

### ଭଡ଼ା ଘରେ, ଗାଁରେ ପୂରାଇ ଦେଲେନି


ହାଟ ପିଣ୍ଡିରେ ନବଜାତ ଶିଶୁ ସହ ଦମ୍ପତି।

ମେଡିକାଲରୁ ନବଜାତ ଶିଶୁକୁ ଧରି ଭଡ଼ା ଘରକୁ ଫେରିଥିବା ଏକ ଦମ୍ପତିଙ୍କୁ ଘର ମାଲିକ ଘରେ ପୂରାଇ ନ ଦେବା ଓ ଗାଁରେ ପ୍ରବେଶ ପାଇଁ ଅନୁମତି ନ ମିଳିବାରୁ ଦୁହେଁ ହାଟ ପିଣ୍ଡିରେ ୪ ଦିନ ଭୋକ ଉପାସରେ କାଟିବା ଅନୁଗୋଳ ସହରରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଘଟଣାକୁ ନେଇ ପ୍ରଶାସନ ତତ୍ପରତା ଦେଖାଇବା ପରେ ସମ୍ପୃକ୍ତ ଦମ୍ପତି ମଙ୍ଗଳବାର ଭଡ଼ା ଘରକୁ ଫେରିଥିବା ଜଣାପଡ଼ିଛି।

ଅନୁଗୋଳ ତାମ୍ରିତ କଲୋନୀସ୍ଥିତ କେନାଲ ହୁଡ଼ାରେ ତଳମୂଳ ଅଞ୍ଚଳର ଦମ୍ପତି ସଫୋଲା ବେହେରା ଓ ବୃହସ୍ପତି ରାଓ ଭଡ଼ା ନେଇ ରହୁଥିଲେ। ଗତ ୧୫ ତାରିଖରେ ମେଡିକାଲରେ ସଫୋଲା ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଶିଶୁକନ୍ୟା ସହ ଫେରିବା ପରେ ଘର ମାଲିକ ସେମାନଙ୍କୁ ଘରେ ରହିବାକୁ ମନା କରିଦେଇଥିଲେ। ଦୁଇମାସର ବକେୟା ଭଡ଼ା ଦେବା ସହ ସୁତିକିଆ ପରେ ଆସିବାକୁ କହିଥିଲେ। ଉପାୟଶୂନ୍ୟ ହୋଇ ଦମ୍ପତି ତଳମୂଳକୁ ଯାଇଥିଲେ ମଧ୍ୟ ଗ୍ରାମର କେତେଜଣ ଲୋକ ସେମାନଙ୍କୁ ପ୍ରବେଶ କରାଇ ଦେଇ ନ ଥିଲେ। ଫଳରେ ନବଜାତ ଶିଶୁକୁ ଧରି ଦମ୍ପତି ଅନୁଗୋଳ ସହର ହାଟ ପିଣ୍ଡିରେ ୪ ଦିନ ପଡ଼ି ରହିଥିଲେ। ଖବରପାଇ ପୌର ନିର୍ବାହୀ ଅଧିକାରୀ ବିନୋଦ ଚନ୍ଦ୍ର ପଣ୍ଡା, ଆଡିସନାଲ ତହସିଲଦାର ପ୍ରମୁଖ ପହଞ୍ଚି ଘର ମାଲିକଙ୍କୁ ବୁଝାଶୁଝା କରି ଦମ୍ପତିଙ୍କୁ ଭଡ଼ା ଘରେ ଛାଡ଼ିଥିଲେ।

# ୫ ବର୍ଷରେ ଲାଗିଛି ୫୦ ହଜାର ଚାରା

**ବଣ୍ଟାଁରପାଳ,୨୧।୭(ଡି.ଏନ.ଏ.)**


ନାଲ୍‌କୋ ପକ୍ଷରୁ କରାଯାଇଥିବା ଚାରା ରୋପଣ।

- ପରିବେଶ ସୁରକ୍ଷା ଦିଗରେ ନାଲ୍‌କୋର ପଦକ୍ଷେପ
- ଚଳିତ ବର୍ଷ ଲାଗିବ ଆହୁରି ୧୦ ହଜାର
- ଲୋକଙ୍କୁ ବଣ୍ଟନ କରାଯିବ ୧୫ ହଜାର

ଅନୁଗୋଳ ଜିଲା ବଣ୍ଟାଁରପାଳ ବ୍ଲକ ଅଞ୍ଚଳରେ ଥିବା ନବରତ୍ନ ମାନ୍ୟତାପ୍ରାପ୍ତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋ ପକ୍ଷରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯାଉଛି। ସେଥିମଧ୍ୟରୁ ପାରିପାର୍ଶ୍ୱିକ ଅଞ୍ଚଳରେ ଚାରା ରୋପଣ ପରିବେଶ ସୁରକ୍ଷା ଦିଗରେ ଏକ ବଡ଼ ପଦକ୍ଷେପ। ନାଲ୍‌କୋ ଉଦ୍ୟାନ ବିଭାଗ ପକ୍ଷରୁ ପ୍ରତିବର୍ଷ ଏହି କାର୍ଯ୍ୟ କରାଯାଇ ଆସୁଛି। ଗତ ୫ ବର୍ଷ ମଧ୍ୟରେ ୫୦ ହଜାର ଚାରା ଲଗାଯାଇଥିବା ବେଳେ ସେଥିରୁ ୪୦ ହଜାର ବଞ୍ଚିଥିବା ସୂଚନା ମିଳିଛି।

ନାଲ୍‌କୋର ପାରିପାର୍ଶ୍ୱିକ ଅଞ୍ଚଳ କୁହାଯାଉଥିବା କୁକୁଡ଼ାଙ୍ଗ, କୁଲାଡ଼, ଗିରାଙ୍ଗ, ବଳରାମପ୍ରସାଦ, ତାଳଚେର ବ୍ଲକର କର୍ଣ୍ଣପୁର ଆଦି ଗ୍ରାମର ଆଖପାଖ ସ୍ଥାନରେ ଏହି ଚାରା ଲଗାଯାଇଛି। ସେହିପରି ସ୍ମେଲଟର, ସିପିପି ପ୍ଲାଣ୍ଟ ସମେତ ଟାଉନଶିପ୍ କଲୋନୀ ଅଞ୍ଚଳରେ ମଧ୍ୟ ଚାରା ରୋପଣ କରାଯାଇଛି। ବିଶେଷକରି ଶାଗୁଆନ, ଶିଶୁ, ଜାମୁ, ନିମ୍ବ, ବଉଳ, ଅଶୋକ, ଆମ୍ବ ଆଦି ବହୁଳ ମାତ୍ରାରେ ଲଗାଯାଉଛି। ବିଭିନ୍ନ ଔଷଧୀୟ ଚାରା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିବା ନାଲ୍‌କୋ ଉଦ୍ୟାନ ବିଭାଗ ପକ୍ଷରୁ କୁହାଯାଇଛି। ଚଳିତବର୍ଷ ପ୍ଲାଣ୍ଟ ପକ୍ଷରୁ ୧୦ ହଜାର ଚାରା ଲଗାଯିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୫ ଶହ ଲଗାଯାଇ ସାରିଲାଣି। ଆଖପାଖ ଅଞ୍ଚଳର ଲୋକମାନଙ୍କୁ ପ୍ରାୟ ୧୫ ହଜାର ଚାରା ବଣ୍ଟନ କରାଯିବ। ଯେଉଁ ଅଞ୍ଚଳରେ ଏହା ରୋପଣ କରାଯାଉଛି ସେଠାରେ କିପରି ଯତ୍ନ ନିଆଯାଇପାରିବ ସେ ବ୍ୟବସ୍ଥା ମଧ୍ୟ କରାଯାଉଛି ବୋଲି ନାଲ୍‌କୋ ଉଦ୍ୟାନ ବିଭାଗ ପକ୍ଷରୁ କୁହାଯାଇଛି।

### ଔଷଧୀୟ ଚାରା ଉପରେ ଗୁରୁତ୍ୱ


ଚଳିତବର୍ଷ ପ୍ଲାଣ୍ଟ ଓ ଟାଉନଶିପ୍ ଅଞ୍ଚଳରେ ୧୦ ହଜାର ଚାରା ରୋପଣ କରାଯିବ। ଆଖପାଖ ଅଞ୍ଚଳର ଲୋକମାନଙ୍କୁ ମଧ ବଣ୍ଟନ କରାଯିବ। ବିଗତ ୫ ବର୍ଷ ମଧ୍ୟରେ ପ୍ରାୟ ୫୦ ହଜାର ଚାରା ଲଗାଯାଇଛି। ସେଥିରୁ ୪୦ ହଜାର ବଞ୍ଚିଛି। ବିଶେଷକରି ଔଷଧୀୟ ଚାରା ରୋପଣ ଉପରେ ଗୁରୁତ୍ୱ ଦିଆଯାଉଛି।

**- ଶୁଭେନ୍ଦୁ ନାୟକ, ଏଜିଏମ୍, ନାଲ୍‌କୋ ଉଦ୍ୟାନ ବିଭାଗ**

### ସୌନ୍ଦର୍ଯ୍ୟ ବଢ଼ାଉଛି


ନାଲ୍‌କୋର ଚାରା ରୋପଣ ଯୋଗୁ ସିପିପି ରାସ୍ତା ପାର୍ଶ୍ୱର ସୌନ୍ଦର୍ଯ୍ୟ ବଢ଼ିଯାଇଛି। ଏଠାରେ ଲଗାଯାଇଥିବା ସମସ୍ତ ଚାରା ବଞ୍ଚିଛି। ପ୍ଲାଣ୍ଟ ପକ୍ଷରୁ ଏ ଦିଗରେ ନିଆଯାଉଥିବା ପଦକ୍ଷେପକୁ ଅଧିକ ତ୍ୱରାନ୍ୱିତ କରାଗଲେ ପରିବେଶର ସୁରକ୍ଷା ହୋଇପାରିବ।

**- କାଳୀଚରଣ କର, ବରିଷ୍ଠ ଆଡ୍‌ଭୋକେଟ, ଗିରାଙ୍ଗ**

### ଅଧିକ ଯତ୍ନ ଆବଶ୍ୟକ


ନାଲ୍‌କୋ ପକ୍ଷରୁ କୁଲାଡର ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯାଇଛି। ଲଗାଯାଇଥିବା ଚାରା ବଢୁଥିଲେ ବି ଅଧିକ ଯତ୍ନର ଆବଶ୍ୟକତା ରହିଛି। ବିଶେଷକରି ଏହା ଚାରିପାଖରେ ସୁରକ୍ଷାବାଡ ଦିଆଗଲେ ତାହା ଆହୁରି ଶୀଘ୍ର ବଢ଼ିପାରନ୍ତା।

**-ବିନୟ ମହାପାତ୍ର, କୁଲାଡ଼**

### ପଦକ୍ଷେପ ସ୍ୱାଗତଯୋଗ୍ୟ

ନାଲ୍‌କୋ ପକ୍ଷରୁ ନିଆଯାଉଥିବା ଏହି ପଦକ୍ଷେପ ସ୍ୱାଗତଯୋଗ୍ୟ। କିନ୍ତୁ ବଳରାମପ୍ରସାଦ ଅଞ୍ଚଳରେ ବିଗତ ଦିନରେ ଯେଉଁ ଚାରା ଲଗାଯାଇଥିଲା ସେଥିରୁ ଅନେକ ଆଶ୍‌ପଣ୍ଡ ପ୍ରଭାବରେ ମରିଗଲାଣି। ଏଥିପ୍ରତି ପ୍ଲାଣ୍ଟ କର୍ତ୍ତୃପକ୍ଷ ଦୃଷ୍ଟି ଦେଲେ ଭଲ ହୁଅନ୍ତା।

**- କୃତାର୍ଥ ଚନ୍ଦ୍ର ସିଂ, ଆବାହକ, ଜିଲା ଜଙ୍ଗଲ ଓ ପରିବେଶ ସମିତି**

